

# ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ, ପରିଚାଳନା ଏବଂ ସ୍ଥାୟୀ ବ୍ୟବହାର ପାଇଁ ମାର୍ଗଦର୍ଶୀକା

## ଆଦିବାସୀ ବ୍ୟାପାର ମନ୍ତ୍ରାଳୟ
## ଭାରତ ସରକାର

VASUNDHARA
democratizing natural resource governance

Vasundhara, Plot No. 1731/C, Dash Mohapatra Complex, Bhubaneswar, Odisha, India

କେନ୍ଦ୍ରସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ,ପରିଚାଳନା ଓ ସ୍ଥାୟୀ ବ୍ୟବହାର ନିମନ୍ତେ ଏକ ମାର୍ଗଦର୍ଶୀକା ତା: ୧୨.୦୯.୨୦୨୩ରିଖ ରେ ଜାରି କରାଯାଇଛି । ଏହା ହେଉଛି, ଉକ୍ତ ମାର୍ଗଦର୍ଶୀକାର ଓଡିଆ ଅନୁବାଦ । ଏହା ଆକ୍ଷରିକ ଅନୁବାଦ ନୁହଁ । ସହଜରେ ବୁଝିବା ପାଇଁ କେତେକ ସ୍ଥାନରେ ବାକ୍ୟକୁ ଛୋଟବଡ କରାଯାଇଛି । ଭାବାର୍ଥକୁ ଅକ୍ଷୁର୍ଣ ରଖିବାପାଇଁ ଚେଷ୍ଟା କରାଯାଇଛି ।



# ବିଷୟବସ୍ତୁ


- ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଜାରି ପତ୍ର
- ଉପକ୍ରମ
- ଉଦ୍ଦେଶ୍ୟ
- ଗୋଷ୍ଠୀ ବନ ସମ୍ବଳ ସଂକ୍ରାନ୍ତରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ ଓ ନିୟମାବଳୀରେ ପ୍ରଦତ୍ତ ସଂଜ୍ଞା ଓ ବ୍ୟବସ୍ଥା:
- ଧାରା ୩ (୧) (ଆଇ) ଅନୁଯାୟୀ ଅଧିକାରର ସ୍ୱୀକୃତି ପାଇଁ ଦାବିଦାର
- ଗ୍ରାମ ଓ ଗ୍ରାମସଭାର ଅର୍ଥ ଏବଂ ସଂଜ୍ଞା
- କୋରମ
- ଗୋଷ୍ଠୀ ବନସମ୍ବଳ ଅଧିକାର ପରିଚାଳନା କମିଟି ଗଠନ ପ୍ରକ୍ରିୟା
- ଗ୍ରାମସଭା ବୈଠକ
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର କାର୍ଯ୍ୟ
- ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନାର ପ୍ରସ୍ତୁତି ଓ କାର୍ଯ୍ୟକାରିତା
- ହିତାଧିକାରୀ ଓ ତତ ସମ୍ବନ୍ଧୀୟ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ
- ରାଜ୍ୟସ୍ତରୀୟ ମନିଟରିଂ କମିଟିର କାର୍ଯ୍ୟ
- ଜିଲ୍ଲାସ୍ତରୀୟ ଗୋଷ୍ଠୀ ବନ ସମ୍ବଳ ତଦାରଖ କମିଟିର କାର୍ଯ୍ୟ
- ଅର୍ଥ ପରିଚାଳନାର ବ୍ୟବସ୍ଥା
- ବିବାଦର ସମାଧାନ
- ଗୋଷ୍ଠୀ ବନ ସମ୍ବଳ ଅଞ୍ଚଳରେ ସମ୍ବଳ ସଂରକ୍ଷଣର ଉଲ୍ଲଂଘନ

**No. 23011/09/2016-FRA**
**Government of India**
**Ministry of Tribal Affairs**
**(FRA Division)**

Shastri Bhawan, New Delhi
Dated: 12.09.2023

To

1. The Chief Secretaries of all State Governments
2. The Administrators of all Union Territories
3. Principal Secretaries/ Secretaries in-charge of Tribal Development Department (All States / UTs)
4. Principal Secretaries/ Secretaries in-charge of Forest Department (All States / UTs)

**Sub: Guidelines for Conservation, Management and Sustainable use of Community Forest Resources (CFR).**

The undersigned is directed to enclose herewith a copy of the guidelines **for Conservation, Management and Sustainable use of Community Forest Resources**.

2. This is in supersession of previous guidelines of CFR management.

3. This has the approval of Competent Authority.



Yours faithfully,

(Nadeem Ahmad)
Under Secretary to the Government of India

Encl: As above.

Copy forwarded for information and necessary action to:

1. Secretary, Ministry of Environment, Forest and Climate Change
2. Secretary, Ministry of Panchayati Raj
3. Secretary, Department of Land Resources, Ministry of Rural Development.

Copy forwarded for information to:

i. PS to Hon'ble Minister of Tribal Affairs
ii. PS to Hon'ble MoSTA (RS)
iii. PS to Hon'ble MoSTA (BT)
iv. PPS to Secretary (TA) / PS to Joint Secretary (NJK)



# ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ ଅନ୍ତର୍ଗତ ଗୋଷ୍ଠୀ ବନ ସମ୍ବଳର ପରିଚାଳନା ପାଇଁ ମାର୍ଗଦର୍ଶୀକା

## ୧. ଉପକ୍ରମ:

୧.୧ ପୁରୁଷାନୁକ୍ରମେ ଜଙ୍ଗଲଜମିରେ ରହିଆସୁଥିବା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ, ସେମାନଙ୍କର ପାରମ୍ପରିକ ଅଧିକାର, ଯାହାକି ଆଇନଗତ ସ୍ୱୀକୃତି ମିଳିନଥିଲା, ଉକ୍ତ ଅଧିକାରଗୁଡ଼ିକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା ହେଉଛି ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ର ମୂଳ ଆଭିମୁଖ୍ୟ । ଏହି ଆଇନ ୩୧ ଡିସେମ୍ବର ୨୦୦୭ ଠାରୁ ଲାଗୁ ହୋଇଥିବାବେଳେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମାବଳୀ ୨୦୦୮, ୧.୧.୨୦୦୮ରୁ ଲାଗୁ ହୋଇଛି । ଏହି ଆଇନଟି ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ପ୍ରତି ହୋଇଆସିଥିବା ଐତିହାସିକ ଅନ୍ୟାୟକୁ ଆଇନଗତ ସ୍ୱୀକୃତି ମାଧ୍ୟମରେ ଦୂର କରିବାସହ, ସେମାନଙ୍କୁ ଜଙ୍ଗଲ ଜମି ଓ ଜଙ୍ଗଲ ସମ୍ପଦର ବ୍ୟବହାର ଉପରେ ଅଧିକାର ପ୍ରଦାନ କରୁଛି, ଯାହାକି ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ ସୁରକ୍ଷିତ କରିବା ଓ ପରିବେଶ ସନ୍ତୁଳନକୁ ରକ୍ଷା କରିବା ଓ ବନବାସୀଙ୍କ ଜନ ସହଭାଗିତାରେ ଜଙ୍ଗଲ ସମ୍ବଳର ସଂରକ୍ଷଣକୁ ମଜ୍‌ଭୁତ କରିବା ଦିଗରେ ଏହି ଅଧୀନିୟମ ସହାୟକ ହୋଇ ପାରିବ ।

୧.୨ ଏହି ଆଇନ ଲାଗୁହେବା ଠାରୁ, ଆଇନର ଧାରା ୩(୧) ଅନ୍ତର୍ଗତରେ ଅନେକଗୁଡିଏ ଜଙ୍ଗଲ ଅଧିକାର ଦାବିପତ୍ର ଆଇନଗତ ସ୍ୱୀକୃତି ପାଇଁ ଦାବି କରାଯାଇଛି । ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପାଇଁ ରାଜ୍ୟ ସରକାରମାନେ ଦାବି ଗ୍ରହଣ କରୁଛନ୍ତି । ରାଜ୍ୟ ସରକାର ଓ ନିୟମାବଳୀ ଅନ୍ତର୍ଗତରେ ଗଠିତ ହୋଇଥିବା କମିଟିଗୁଡିକ ସଫଳତାର ସହ ଅନେକଗୁଡିଏ ଦାବିପତ୍ରକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିଛନ୍ତି । ଫଳସ୍ୱରୂପ ଅନେକ ସ୍ଥାନରେ, ବ୍ୟକ୍ତିବିଶେଷ ଅଧିକାର ଧାରକ ଓ ଗୋଷ୍ଠୀସମୂହମାନେ, ଜଙ୍ଗଲ ଅଧିକାରକୁ ଉପଭୋଗ କରିବା ସହ ଏହାର ଲାଭ ପାଇ ଚାଲିଛନ୍ତି ।

୧.୩ ଉଲ୍ଲେଖଯୋଗ୍ୟ ଯେ, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ର [ଜଙ୍ଗଲ ଅଧିକାର ଆଇନ ୨୦୦୬] ଧାରା ୩ (୧) (ଆଇ), ଅନୁସାରେ ଗୋଷ୍ଠୀମାନେ ପାରମ୍ପରିକ ଭାବେ ବ୍ୟବହାର କରିଆସୁଥିବା ଗୋଷ୍ଠୀ ବନ ସମ୍ବଳର ଦୀର୍ଘସ୍ଥାୟୀ ଉପଯୋଗ ନିମନ୍ତେ, ତାହାର ସୁରକ୍ଷା, ପୁନଃଜନନ କିମ୍ବା ସଂରକ୍ଷଣ କିମ୍ବା ପରିଚାଳନା କରିବେ ।

୧.୪ ନିୟମାବଳୀ ୮(ଆଇ)ରେ ଧାର୍ଯ୍ୟ କରାଯାଇଛି ଯେ, ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି (ଡିଏଲ୍‌ସି), ଗୋଷ୍ଠୀବନ ସମ୍ବଳର ରେକର୍ଡ ଅଫ୍ ରାଇଟ୍ସର ଏକ ପ୍ରମାଣୀକୃତ କପି ଓ ସତ୍ୱାଧିକାର ପତ୍ର (ଟାଇଟେଲ) [ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମାବଳୀ ୨୦୦୮ ଓ ସଂଶୋଧିତ ନିୟମାବଳୀ ୨୦୧୨ରେ ପ୍ରଦତ୍ତ ସଂଯୁକ୍ତିପତ୍ର -୪ ] ସଂପୃକ୍ତ ଗ୍ରାମସଭା କିମ୍ବା ଗୋଷ୍ଠୀଙ୍କୁ ପ୍ରଦାନ କରିବ । ପ୍ରଦତ୍ତ ଅଧିକାର ସମ୍ପର୍କରେ ଜଙ୍ଗଲ ଅଧିକାର ଆଇନର ଧାରା ୩, ଉପଧାରା (୧), କ୍ଲଜ୍ (ଆଇ)ରେ ଉଲ୍ଲେଖ କରାଯାଇଛି ।

୧.୫ ଆଇନର ଧାରା ୩ (୧) (ଆଇ)ରେ ପ୍ରଦତ୍ତ ଅଧିକାରକୁ ସ୍ୱୀକୃତି ପ୍ରଦାନ ଓ ଧାରା ୫କୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ, ଯେହେତୁ, ଏକାଧିକ କର୍ମକର୍ତ୍ତା/କର୍ତ୍ତୃପକ୍ଷ/ବିଭାଗ ସାମିଲ ଅଛନ୍ତି, ତେଣୁ ଉକ୍ତ ଅଧିକାରୀମାନେ ନିଜ ନିଜ ଦାୟିତ୍ୱକୁ ଭଲ ଭାବେ ବୁଝିବା ସହ ଏହାକୁ ସମ୍ପାଦନ କରିବା ପାଇଁ ସ୍ୱଷ୍ଟତାର ଆବଶ୍ୟକତା ରହିଛି । ଯଦ୍ୱାରା ସେମାନେ ସଠିକଭାବେ ନିଜର ଦାୟୀତ୍ୱ ତୁଲାଇବା ସହ ଆଇନ ର ଉଦେଶ୍ୟକୁ ତୃଣମୂଳ ସ୍ତରରେ ଲାଗୁ କରାଇପାରିବେ ।

୧.୬ କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ସବୁବେଳେ ଜଙ୍ଗଲ ଅଧିବାସୀଙ୍କ ଉଦ୍‌ବେଗ ପ୍ରତି ନିଜର ଉତ୍ତର ଦାୟୀତ୍ୱତା ପ୍ରକାଶ କରିଆସିଛି । ଆଦିବାସୀ ମନ୍ତ୍ରଣାଳୟ, ସମୟାନୁସାରେ ଆଇନରେ ରହିଥିବା ବିଭିନ୍ନ ଧାରା କିପରି ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରିବ, ସେଥିପାଇଁ ସମୟାନୁସାରେ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ପାଇଁ ଆଲୋଚନାଚକ୍ର ଓ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମର ଆୟୋଜନ କରିଆସୁଛି । ଏଥିସହ ସମୟାନୁସାରେ ଆବଶ୍ୟକୀୟ ନିର୍ଦ୍ଦେଶନାମା ମଧ୍ୟ ଜାରିକରୁଛି । ଜଙ୍ଗଲ ଅଧିକାର ଆଇନର ସଠିକ୍ କାର୍ଯ୍ୟକାରିତା ପାଇଁ ସମ୍ବିଧାନର ଧାରା ୨୭୫ (୧) ଅନୁସାରେ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛି । ଏତଦବ୍ୟତୀତ, ଆଦିବାସୀ ଉପ-ଯୋଜନା ଓ ଅନୁଚ୍ଛେଦ ୨୭୫(୧)ରେ ପ୍ରଦତ୍ତ ରାଶିରୁ କିପରିଭାବେ ଗୋଷ୍ଠୀ ବନ ସମ୍ବଳର ବିକାଶ ପାଇଁ ବିନିଯୋଗ କରିହେବ, ତାହାପାଇଁ ମଧ୍ୟ ପ୍ରୋତ୍ସାହିତ କରିଆସୁଛି ।

୧.୭ ଜଙ୍ଗଲ ଅଧିକାର ଆଇନ ସଠିକ କାର୍ଯ୍ୟକାରୀ ଓ ଗୋଷ୍ଠୀ ବନ ସମ୍ବଳ ସମ୍ବନ୍ଧରେ କ୍ଷେତ୍ରୀୟସ୍ତର ସମନ୍ୱୟକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ନିମ୍ନଲିଖିତ ମାର୍ଗଦର୍ଶୀକା ଜାରି କରାଯାଇଛି । ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ନିମ୍ନଲିଖିତ ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବେ ।

**୨. ଉଦ୍ଦେଶ୍ୟ:**

ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ର ବ୍ୟବସ୍ଥା ଅନୁଯାୟୀ ଗ୍ରାମସଭା ଓ ଜଙ୍ଗଲରେ ବସବାସ କରୁଥିବା ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ସେମାନଙ୍କ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା ପାଇଁ ମାର୍ଗଦର୍ଶନ କରିବା ।

**୩. ଗୋଷ୍ଠୀ ବନ ସମ୍ବଳ ସଂକ୍ରାନ୍ତରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ ଓ ନିୟମାବଳୀରେ ପ୍ରଦତ୍ତ ସଂଜ୍ଞା ଓ ବ୍ୟବସ୍ଥା:**

**୩.୧ ଗୋଷ୍ଠୀ ବନ ସମ୍ବଳ:**

ଜଙ୍ଗଲ ଅଧିକାର ଆଇନର ଧାରା ୨(କ) ଅନୁସାରେ ଗୋଷ୍ଠୀ ବନ ସମ୍ବଳର ଅର୍ଥ ହେଉଛି ଗ୍ରାମର ପାରମ୍ପରିକ କିମ୍ବା ପ୍ରଥାନୁମୋଦିତ ସୀମା ଭିତରେ ଥିବା ପାରମ୍ପାରିକ ଜଙ୍ଗଲ ଜମି କିମ୍ବା ପଶୁପାଳକ ସମ୍ପ୍ରଦାୟ ଦ୍ୱାରା ବ୍ୟବହୃତ ହେଉଥିବା ଋତୁଭିତିକ ଭୂଖଣ୍ଡ, ଯେପରିକି ସୁରକ୍ଷିତ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ ଏବଂ ସୁରକ୍ଷିତ ଅଞ୍ଚଳ ଯେପରିକି ଅଭୟାରଣ୍ୟ/ ଜାତୀୟ ଉଦ୍ୟାନ, ଯେଉଁଥିରେ ଲୋକମାନଙ୍କର ପାରମ୍ପାରିକ ପ୍ରବେଶାଧିକାର ରହିଛି ।

**୩.୨ ଜଙ୍ଗଲ ଅଧିକାରଧାରକ, ଗ୍ରାମସଭା ଏବଂ ଗ୍ରାମସ୍ତରୀୟ ଅନୁଷ୍ଠାନଗୁଡିକ ସହିତ ସଂଲଗ୍ନ କର୍ତ୍ତବ୍ୟ:**

ଜଙ୍ଗଲ ଅଧିକାର ଆଇନର ଧାରା ୫ ଅନୁସାରେ, ଗ୍ରାମସଭା ଏବଂ ଗ୍ରାମସ୍ତରରେ ରହିଥିବା ବିଭିନ୍ନ ଅନୁଷ୍ଠାନ ଯେଉଁଠାରେ ଜଙ୍ଗଲ ଅଧିକାର ଧାରକ ଅଛନ୍ତି, ସେଠାରେ ସେମାନଙ୍କୁ ନିମ୍ନଲିଖିତ କ୍ଷମତା ପ୍ରଦାନ କରୁଛି -

(କ) ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ

(ଖ) ଜଳ ବିଭାଜିକା ଅଞ୍ଚଳ, ଜଳଉତ୍ସ ଏବଂ ଅନ୍ୟାନ୍ୟ ପରିବେଶ ସ୍ପର୍ଶକାତର ଅଞ୍ଚଳଗୁଡିକର ସୁରକ୍ଷାକୁ ସୁନିଶ୍ଚିତ କରିବା

(ଗ) ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ବାସସ୍ଥଳୀର ସୁରକ୍ଷା ଏବଂ କୌଣସି ଧ୍ୱଂସକାରୀ ପ୍ରକ୍ରିୟା ଦ୍ୱାରା ସେମାନଙ୍କର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ଯେକୌଣସି ପ୍ରକାର ବିନାଶକାରୀ ଅଭ୍ୟାସରୁ ସୁରକ୍ଷିତ ରଖିବାକୁ ସୁନିଶ୍ଚିତ କରିବା ।

(ଘ) ଗୋଷ୍ଠୀ ବନସମ୍ବଳର ବ୍ୟବହାର ନିୟନ୍ତ୍ରଣ ପାଇଁ ଗ୍ରାମସଭାରେ ନିଆଯାଇଥିବା ନିଷ୍ପତ୍ତିଗୁଡିକୁ ଯେପରି କଡାକଡି ଭାବେ ପାଳନ କରାଯିବାକୁ ସୁନିଶ୍ଚିତ କରିବା । ଏହାସହ ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ଦିଗରେ ପ୍ରତିକୂଳ ପ୍ରଭାବ ପକାଉଥିବା ସମସ୍ତ କାର୍ଯ୍ୟକଳାପକୁ ବନ୍ଦ କରିବା ।

**୩.୩ ଜଙ୍ଗଲ ଅଧିକାର ଆଇନର ଧାରା ୫ ପାଇଁ କମିଟି:**

ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମାବଳୀ ୨୦୦୮ ଓ ସଂଶୋଧିତ ନିୟମାବଳୀ ୨୦୧୨ର ନିୟମ ୪ (୧) (ଇ) ଅନୁସାରେ ଗ୍ରାମସଭା ଏହାର ସମସ୍ତ ସଭ୍ୟ/ସଭ୍ୟାଙ୍କୁ ନେଇ ବନ୍ୟଜନ୍ତୁ, ଜଙ୍ଗଲ ଓ ଜୈବବିବିଧତାର ସୁରକ୍ଷା ପାଇଁ କମିଟି ଗଠନ କରିବ, ଯାହାକି ଆଇନର ଧାରା ୫ରେ ରହିଥିବା ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବ ।

**୩.୪ କମିଟିର କାର୍ଯ୍ୟକୁ ତଦାରଖ ଓ ନିୟନ୍ତ୍ରଣ ପାଇଁ ରହିଥିବା ବିଧିବ୍ୟବସ୍ଥା:**

ନିୟମାବଳୀ ୪ (୧) (ଏଫ) ଅନୁସାରେ ଗ୍ରାମସଭା, ନିୟମାବଳୀ ୪ (୧) (ଇ) ଅଧିନରେ ଗଠିତ କମିଟିକାର୍ଯ୍ୟକୁ ତଦାରଖ ଓ ନିୟନ୍ତ୍ରଣ କରିବ । ଏହି କମିଟି ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଯୋଜନା ପ୍ରସ୍ତୁତ କରିବ, ଯାହାକି ଗୋଷ୍ଠୀ ବନ ସମ୍ବଳର ଚିରସ୍ଥାୟୀତ୍ୱତାକୁ ବଜାଇ ରଖିବା ସହ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ସମତାଭିତ୍ତିକ ଫାଇଦା ପାଇଁ ଉଦ୍ଦିଷ୍ଟ ରହିବ । କମିଟି ଦ୍ୱାରା ପ୍ରସ୍ତୁତ ସଂରକ୍ଷଣ ଓ ପରିଚାଳନା ଯୋଜନାକୁ ବନ ବିଭାଗର ଅଣୁ-ଯୋଜନା ଅବା କାର୍ଯ୍ୟକାରୀ ଯୋଜନା ଅବା ପରିଚାଳନା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଆବଶ୍ୟକସ୍ଥଳେ, ପ୍ରସ୍ତୁତ ସଂରକ୍ଷଣ ଓ ପରିଚାଳନା ଯୋଜନାକୁ ବନ ବିଭାଗରେ ସାମିଲ କରିବାପାଇଁ ଗ୍ରାମସଭା/କମିଟି ପରିବର୍ତ୍ତନ କରିପାରିବ ।

## ୪.    ଧାରା ୩ (୧) (ଆଇ) ଅନୁଯାୟୀ ଅଧିକାରର ସ୍ୱୀକୃତି ପାଇଁ ଦାବିଦାର:

୪.୧   ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମାବଳୀ ୨୦୦୮ର ନିୟମାବଳୀ ୨(୧)(ସି) ଅନୁଯାୟୀ, 'ଦାବିଦାର' ର ଅର୍ଥ ହେଉଛି ଏକ ବ୍ୟକ୍ତି, ବ୍ୟକ୍ତିସମୂହ, ପରିବାର ବା ଗୋଷ୍ଠୀ, ଯିଏ ଏହି ଆଇନରେ ପ୍ରଦାନ କରାଯାଇଥିବା ଅଧିକାରଗୁଡିକର ସ୍ୱୀକୃତି ପାଇଁ ଦାବି ଉପସ୍ଥାପନ କରନ୍ତି । ଆଇନର ଧାରା ୩(୧)(ଆଇ)ରେ ପ୍ରଦତ୍ତ ଅଧିକାରଟି ହେଉଛି 'ଗୋଷ୍ଠୀଗତ  ଅଧିକାର' ।

୪.୨ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମାବଳୀ ୨୦୦୮,ର ନିୟମାବଳୀ ୧୧(୪) ଅନୁଯାୟୀ, ଜଙ୍ଗଲ ଅଧିକାର କମିଟି (ଏଫଆରସି), ଗ୍ରାମସଭା ତରଫରୁ 'ଗୋଷ୍ଠୀ ଜଙ୍ଗଲ ଅଧିକାର' ପାଇଁ ଦାବି ପ୍ରସ୍ତୁତ କରିବ , ଯାହାକି ଫର୍ମ 'ଖ' ରେ ଉଲ୍ଲେଖ ରହିଛି ଏବଂ ଫର୍ମ 'ଗ'ରେ ଧାରା ୩, ଉପ-ଧାରା (୧)ର କ୍ଲଜ୍ (ଆଇ) ଅନୁଯାୟୀ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଉପରେ ଅଧିକାର ଦାବି ପ୍ରସ୍ତୁତ କରିବ ।

୪.୩  ଧାରା ୩(୧)(ଆଇ) ଅଧୀନରେ ଥିବା ଅଧିକାରକୁ ଜଙ୍ଗଲ ଅଧିକାର ଆଇନରେ ନିର୍ଦ୍ଧାରିତ ପ୍ରକ୍ରିୟା ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ ସ୍ୱୀକୃତି ଦିଆଯିବ ଏବଂ ନ୍ୟସ୍ତ କରାଯିବ ।

## ୫.   ଗ୍ରାମ ଓ ଗ୍ରାମସଭାର ଅର୍ଥ ଏବଂ ସଂଜ୍ଞା:

ଗ୍ରାମସଭା ଏବଂ ଗାଁର ଅର୍ଥ ଯଥାକ୍ରମେ ଜଙ୍ଗଲ ଅଧିକାର ଆଇନର ଧାରା ୨(ଜି) ଓ ଧାରା ୨(ପି)ରେ ବର୍ଣ୍ଣନା କରାଯାଇଛି ।

## ୬.    କୋରମ:

ଜଙ୍ଗଲ ଅଧିକାର ନିୟମାବଳୀର ଧାରା ୪ (୨) ପ୍ରଦତ୍ତ କୋରମ ଅନୁଯାଇ ଗ୍ରାମସଭା ତାହାର ନିଷ୍ପତ୍ତି ପାରିତ କରିବ।



୬.୧    ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଗଠନ ପାଇଁ ସର୍ବପ୍ରଥମ ବୈଠକ ସଂପୃକ୍ତ ଗ୍ରାମପଞ୍ଚାୟତର ସମ୍ପାଦକ ଆହ୍ୱାନ କରିବେ । ଗାଁର ପାରମ୍ପାରିକ ମୁଖିଆ ଅବା ସମ୍ପୃକ୍ତ ଗ୍ରାମସଭାର ସଦସ୍ୟମାନଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ଉକ୍ତ ବୈଠକର ଅଧକ୍ଷତା କରିବେ  ।

## ୬.୨    ଗୋଷ୍ଠୀ ବନସମ୍ବଳ ଅଧିକାର ପରିଚାଳନା କମିଟି ଗଠନ:

ଦୈନନ୍ଦିନ କାର୍ଯ୍ୟର ତଦାରଖ କରିବା ପାଇଁ ଗ୍ରାମସଭା ଧାରା ୪ (୧) (ଇ) ଅନୁଯାୟୀ ଏକ କମିଟି ଗଠନ କରିବ । ଜଙ୍ଗଲ ଅଧିକାର ଆଇନର ଧାରା ୩(୧) (ଆଇ)ରେ ପ୍ରଦତ୍ତ ଅଧିକାର ଓ ଧାରା ୫ରେ ଉଲ୍ଲେଖିତ କାର୍ଯ୍ୟଗୁଡିକୁ ଗ୍ରାମସଭା ଦ୍ୱାରା ଗଠିତ କମିଟି ସମ୍ପାଦନ କରିବ । ନିମ୍ନଲିଖିତ ଭାବେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଗଠନ ହେବ-

(କ)    ୫ ରୁ ୧୧ ଜଣ ସଦସ୍ୟ/ସଦସ୍ୟାଙ୍କୁ ନେଇ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଗଠିତ ହେବ । ଏହି କମିଟିରେ ଅତି କମରେ ଦୁଇ-ତୃତୀୟାଂଶ ସଦସ୍ୟ/ସଦସ୍ୟା ଜଙ୍ଗଲ ଅଧିକାର ଧାରକ ହୋଇଥିବା ବାଞ୍ଛନୀୟ ଓ ଅତି କମରେ ଏକ ତୃତୀୟାଂଶ ମହିଳା ମଧ ରହିବେ ।

(ଖ)    ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର ସଦସ୍ୟ/ସଦସ୍ୟାମାନେ ଉକ୍ତ କମିଟିର ସଭାପତି, ସମ୍ପାଦକ ଓ କୋଷାଧକ୍ଷ ମନୋନୀତ କରିବେ ଏବଂ ଏବାବଦରେ ଉପଖଣ୍ଡସ୍ତରୀୟ କମିଟି, ଜିଲ୍ଲାସ୍ତରୀୟ କମିଟି ତଥା ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଗଠିତ, ଜିଲ୍ଲାସ୍ତରୀୟ ତଦାରଖ କମିଟିକୁ ସୂଚନା ଦେବେ ।

(ଗ)    ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର କାର୍ଯ୍ୟକାଳ ସର୍ବନିମ୍ନ ୩ ବର୍ଷ ଓ ସର୍ବାଧିକ ୫ ବର୍ଷ ରହିବ ଓ ଏହି ସଙ୍କ୍ରାନ୍ତୀୟ ନିଷ୍ପତ୍ତି ଗ୍ରାମସଭା ଦ୍ୱାରା ନିଆଯାଇ ପାରିବ । ଯଦି ଏହି ସମୟରେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର କୌଣସି ସଦସ୍ୟ ପଦ ଖାଲି ହୁଏ, ତେବେ ଗ୍ରାମସଭା ନୂଆ ସଦସ୍ୟଙ୍କୁ ମନୋନୀତ କରିପାରିବ ।

(ଘ) ଗ୍ରାମସଭା ଯଦି ଚାହେଁ, ତେବେ ସେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର ସଦସ୍ୟା/ସଦସ୍ୟମାନଙ୍କୁ ଭତ୍ତା ପ୍ରଦାନ କରିପାରିବ। ଏ ସମ୍ପର୍କିତ ନିଷ୍ପତ୍ତି ଗ୍ରାମସଭା ବୈଠକରେ ସଂକଳ୍ପ ମାଧମରେ ସ୍ଥିରକୃତ ହେବା ଦରକାର ।

(ଙ) ଜଙ୍ଗଲ ଅଧିକାର ଆଇନ ଓ ନିୟମାବଳୀ ଅଧୀନରେ ପୂର୍ବରୁ ଗଠିତ ଜଙ୍ଗଲ ସମ୍ପଦ ପରିଚାଳନା ପାଇଁ କୌଣସି କମିଟି କିମ୍ବା ଗ୍ରାମସଭା ସ୍ତରରେ ଜଙ୍ଗଲ ସମ୍ପଦ ପରିଚାଳନା ପାଇଁ ଅନ୍ୟ କୌଣସି ଅଣ-ବୈଧାନିକ କମିଟି ସିଏଫଆରଏମସି ଦ୍ୱାରା ବଦଳାଯିବ ବୋଲି ବିବେଚନା କରାଯିବ ।

(ଚ) ଯେଉଁଠାରେ ଗୋଷ୍ଠୀ ବନ ସମ୍ବଳ ଅଧିକାର ଏକାଧିକ ଗ୍ରାମସଭା ଦ୍ୱାରା ସଂରକ୍ଷଣ ଓ ପରିଚାଳନା କରାଯାଉଛି ଓ ଆଇନ ଅଧିନରେ ସ୍ୱୀକୃତି ପ୍ରଦାନ କରାଯାଇଛି, ସେଠାରେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି, ସଂପୃକ୍ତ ଗ୍ରାମସଭାମାନଙ୍କ ମିଳିତ ବୈଠକରେ ଗଠନ କରାଯିବ ଏବଂ ଉକ୍ତ ମିଳିତ ବୈଠକ ଉପଖଣ୍ଡସ୍ତରୀୟ କମିଟିର ତତ୍ତ୍ୱାବଧାନରେ ହେବ ।

### ୬.୩ ଗ୍ରାମସଭା ବୈଠକ:

ଯେତେବେଳେ ଆବଶ୍ୟକ ହୁଏ ସେତେବେଳେ ଗ୍ରାମସଭା ତାହାର ବୈଠକ ଡାକି ପାରିବ । ଅନ୍ତତପକ୍ଷେ ୬ ମାସରେ ଥରେ ବୈଠକ ହେବ ଦରକାର । ଏହି ବୈଠକଗୁଡିକରେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଯୋଜନାର ସମୀକ୍ଷା ଓ ଅନୁମୋଦନ ବିଷୟରେ ଆଲୋଚନା କରାଯିବ ଦରକାର । ସମ୍ପୃକ୍ତ ଗ୍ରାମପଞ୍ଚାୟତର ସମ୍ପାଦକ, ଉକ୍ତ ବୈଠକ ବାବଦରେ ଗ୍ରାମସଭାର ସମସ୍ତ ସଦସ୍ୟଙ୍କୁ ଅତି କମ୍‌ରେ ୭ ଦିନ ପୂର୍ବରୁ ସୂଚନା ଦେବେ । ଜରୁରୀକାଳୀନ ପରିସ୍ଥିତିରେ, ସଭା ଆୟୋଜନ ପାଇଁ ସାତ ଦିନର ବିଜ୍ଞପ୍ତି ଅବଧି ଛାଡ କରାଯାଇପାରେ ।

### ୬.୪ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର କାର୍ଯ୍ୟ:

(କ) ଗ୍ରାମସଭା ଦ୍ୱାରା ସମୟ ସମୟରେ ନିର୍ଦ୍ଧାରିତ ହେଉଥିବା କାର୍ଯ୍ୟଗୁଡିକୁ ସମ୍ପାଦନ କରିବ ଏବଂ ଏହି କମିଟି, ତାହର ପ୍ରତିଟି କାର୍ଯ୍ୟ ପାଇଁ ଗ୍ରାମସଭା ନିକଟରେ ଉତ୍ତରଦାୟୀ ରହିବ ।

(ଖ) ନିୟମାବଳୀର ଧାରା ୪(୧)(ଇ) ଓ (ଏଫ୍) ଅନୁସାରେ ଗ୍ରାମସଭା ତରଫରୁ ଏକ ଡ୍ରାଫ୍ଟ ସଂରକ୍ଷଣ ଏବଂ ପରିଚାଳନା ଯୋଜନା ପ୍ରସ୍ତୁତ କରିବ ।

(ଗ) ଗ୍ରାମସଭା/ ଜଙ୍ଗଲ ଅଧିକାର ପ୍ରାପ୍ତ ଗୋଷ୍ଠୀମାନଙ୍କ ତରଫରୁ ବିଭିନ୍ନ ବିଭାଗ/ କମିଟିମାନଙ୍କ ସହ ସହ ସମନ୍ୱୟ ସ୍ଥାପନ କରି, ସ୍ୱୀକୃତି ପ୍ରାପ୍ତ ଗୋଷ୍ଠୀ ବନ ସମ୍ବଳ ପରିସୀମା ମଧ୍ୟରେ ଥିବା ବନ୍ୟଜନ୍ତୁ, ଜଙ୍ଗଲ, ଜୈବବିବିଧିତା, ଜଳ ଉତ୍ସ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳର ସୁରକ୍ଷା କରିବ ।

(ଘ) ଗୋଷ୍ଠୀ ବନ ସମ୍ବଳର ପରିଚାଳନା (ସିଏଫଆର) ସମ୍ବନ୍ଧରେ କାର୍ଯ୍ୟନିର୍ବାହୀ ଏବଂ ଆର୍ଥିକ ପରିଚାଳନା ସମେତ ଗ୍ରାମସଭାର କାର୍ଯ୍ୟକାରିତ ସମ୍ବନ୍ଧୀୟ ସମସ୍ତ ନଥିପତ୍ର ଓ ଦସ୍ତାବିଜର ନଥିକରଣ ଓ ରକ୍ଷଣାବେକ୍ଷଣ ।

(ଙ) ଗୋଷ୍ଠୀ ବନ ସମ୍ବଳ ଯୋଜନା ପ୍ରସ୍ତୁତ କରିବା ସମୟରେ, ଜଙ୍ଗଲ ଅଧିକାର ଧାରକମାନଙ୍କ ମତାମତକୁ ସୁନିଶ୍ଚିତ କରିବା ।

### ୭. ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନାର ପ୍ରସ୍ତୁତି ଓ କାର୍ଯ୍ୟକାରିତା:

(କ) ସଂରକ୍ଷଣ ଓ ପରିଚାଳନା ଯୋଜନା 'ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା' (ସିଏଫ୍‌ଆର୍‌ଏମ୍) ଭାବେ ପରିଗଣିତ ହେବ ।

(ଖ) ଗ୍ରାମସଭାଠାରୁ ଲିଖିତ ଚିଠି ପାଇବା ପରେ ସଂପୃକ୍ତ ସରକାରୀ ସଂସ୍ଥା ଆବଶ୍ୟକ ସୂଚନା, ତଥ୍ୟ, ରେକର୍ଡ, ମାନଚିତ୍ର ଓ ଅନ୍ୟାନ୍ୟ ଦଲିଲର ନକଲ ତୁରନ୍ତ ପ୍ରଦାନ କରିବେ ।

(ଗ) ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା ପ୍ରସ୍ତୁତ ବେଳେ ଜଙ୍ଗଲ ଅଧିକାର ଧାରକମାନଙ୍କ ମତାମତକୁ ବିବେଚନା କରିବା ଦରକାର ।

(ଘ) କୌଣସି ନିଷ୍ପତ୍ତି ନେବାକୁ ହେଲେ ଗ୍ରାମସଭାର ସଦସ୍ୟମାନେ ଏକାଠି ହୋଇ ନିଷ୍ପତ୍ତି ନେଇପାରିବେ, ଯଦି ଏହା ଫଳପ୍ରଦ ନ ହୁଏ, ତେବେ ଚୂଡ଼ାନ୍ତ ନିଷ୍ପତ୍ତି ନିମନ୍ତେ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ଦ୍ୱାରା ଗଠିତ ଜିଲ୍ଲାସ୍ତରୀୟ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିକୁ ପଠାଯିବ ।

(ଙ) ଗ୍ରାମସଭା ଦ୍ୱାରା ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା ଅନୁମୋଦନ ହେବା ପରେ, ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଏ ବାବଦରେ ସ୍ଥାନୀୟ ବନ ବିଭାଗ ସହ ଯୋଗାଯୋଗ କରି, ନିୟମାବଳୀ ୪(୧)(ଏଫ)ରେ ବର୍ଣ୍ଣିତ ପ୍ରକାରେ ବନ ବିଭାଗ ଯୋଜନାରେ, ଯଥା – ମାଇକ୍ରୋ ପ୍ଲାନ ଅଥବା ୱର୍କିଂ ପ୍ଲାନ ଅଥବା ମ୍ୟାନେଜମେଣ୍ଟ ପ୍ଲାନରେ ଅନ୍ତର୍ଭୁକ୍ତ କରାଇବ ।

## ୮. ହିତାଧିକାରୀ ଓ ତତ ସମ୍ବନ୍ଧୀୟ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ:

ଧାରା ୩(୧)(ଆଇ)ରେ ଉଲ୍ଲେଖ କରାଯାଇଥିବା ଅଧିକାରଗୁଡିକର ରକ୍ଷା ଏବଂ ଆଇନର ଧାରା ୫ରେ ଉଲ୍ଲେଖ କରାଯାଇଥିବା କର୍ତ୍ତବ୍ୟ ପରିଚାଳନା ସଂକ୍ରାନ୍ତରେ ଜଙ୍ଗଲ ଅଧିକାର ଆଇନ ଓ ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଅଂଶୀଦାର ଏବଂ ସମ୍ପୃକ୍ତ ବିଭାଗ/ କର୍ତ୍ତୃପକ୍ଷ ସମନ୍ୱୟ ରକ୍ଷା କରିବା ପାଇଁ ରାଜ୍ୟ ସରକାର ସହାୟକ ହେବେ।

### ୮.୧ ରାଜ୍ୟସ୍ତରୀୟ ମନିଟରିଂ କମିଟି ନିମ୍ନଲିଖିତ କାର୍ଯ୍ୟ କରିବ -

(କ) ଗ୍ରାମସଭା, ଉପଖଣ୍ଡସ୍ତରୀୟ କମିଟି, ଜିଲ୍ଲାସ୍ତରୀୟ କମିଟିର ସଦସ୍ୟ / ସଦସ୍ୟା ଏବଂ ବନ ବିଭାଗ ସମେତ ସମସ୍ତ ଉପଯୁକ୍ତ ସଂସ୍ଥାଗୁଡିକୁ ଉକ୍ତ ମାର୍ଗଦର୍ଶିକା ସମ୍ପର୍କରେ ସୂଚିତ କରିବା ଓ ସେମାନଙ୍କର ଦକ୍ଷତା ବିକାଶ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

(ଖ) ଜଙ୍ଗଲ ଅଧିକାର ନିୟମାବଳୀର ନିୟମ ୧୨ (ବି)(୪) ଏବଂ ୧୬ ଅନୁସାରେ, ଗୋଷ୍ଠୀବନ ସମ୍ବଳର ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ଗୋଷ୍ଠୀବନ ସମ୍ବଳ ତଦାରଖ କମିଟିର ଗଠନ ।

(ଗ) ଉକ୍ତ ମାର୍ଗଦର୍ଶୀକା କାର୍ଯ୍ୟକାରୀତାର ଅଗ୍ରଗତିକୁ ତଦାରଖ କରିବା ।

(ଘ) ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନା କିମ୍ବା ଏହାର କାର୍ଯ୍ୟକଳାପର ବିକାଶ ଏବଂ କାର୍ଯ୍ୟକାରିତା ସମୟରେ ଗ୍ରାମସଭାକୁ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ବନ ବିଭାଗ ସମେତ ସମସ୍ତ ସଂପୃକ୍ତ ବିଭାଗକୁ ଆବଶ୍ୟକ ମୁତାବକ ନିର୍ଦ୍ଦେଶନାମା ପ୍ରଦାନ କରିବା ।

### ୮.୨ ଜିଲ୍ଲାସ୍ତରୀୟ ଗୋଷ୍ଠୀବନ ସମ୍ବଳ ତଦାରଖ କମିଟି ନିମ୍ନଲିଖିତ କାର୍ଯ୍ୟ କରିବ:

(୧) ନିୟମାବଳୀ ୧୬ ର ଅନୁପାଳନ ସହିତ ଏହି ମାର୍ଗଦର୍ଶୀକାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା/ ବ୍ଲକ ସ୍ତରରେ ସମନ୍ୱୟ ବ୍ୟବସ୍ଥା କରିବା ।

(୨) ବନ ବିଭାଗର କାର୍ଯ୍ୟକାରୀ/ ପରିଚାଳନା ଯୋଜନା ସହ; ଗ୍ରାମସଭା ଦ୍ୱାରା ଅନୁମୋଦିତ ଗୋଷ୍ଠୀ ବନ ସମ୍ବଳ ସଂରକ୍ଷଣ ଓ ପରିଚାଳନା ଯୋଜନାକୁ ସମନ୍ୱିତ କରି ଏହାର କାର୍ଯ୍ୟକାରିତାକୁ ସୁଗମ କରିବା ।

(୩) ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମସଭା ନାମରେ ବ୍ୟାଙ୍କ ଖାତା (କରେଣ୍ଟ ଆକାଉଣ୍ଟ) ଖୋଲିବା ପାଇଁ ପ୍ରାଧିକରଣ ପତ୍ର ପ୍ରଦାନ କରିବା ।

(୪) ଧାରା ୩ (୧) (ଆଇ) ଅନୁଯାଇ ପ୍ରଦତ୍ତ ଗୋଷ୍ଠୀ ବନ ସମ୍ବଳ ଅଧିକାରକୁ, ଜଙ୍ଗଲ ଏବଂ ରାଜସ୍ୱ ବିଭାଗ ଖାତାରେ ନଥିକରଣ କରିବା । ଉକ୍ତ ଗୋଷ୍ଠୀ ବନ ସମ୍ବଳ ଅଞ୍ଚଳକୁ ଜଙ୍ଗଲ ଏବଂ ରାଜସ୍ୱ ବିଭାଗ ଖାତାରେ 'ଗୋଷ୍ଠୀ ବନ ସମ୍ବଳ' ଅବା 'ସିଏଫଆର' ନାମରେ ନଥିକୃତ ହେବ ଏବଂ ଗ୍ରାମସଭା ଅବା ଗୋଷ୍ଠୀମାନଙ୍କ ନାମରେ ଉଲ୍ଲେଖ ରହିବ, ଯାହାକି ନିୟମାବଳୀ ୮ (ଆଇ)ରେ ଉଲ୍ଲେଖିତ ।

(୫) ଯଦି ସରକାରୀ ଅଧିକାରୀଙ୍କ ଯାଞ୍ଚ ବା ଅଡିଟ ସମୟରେ ଅର୍ଥର କୌଣସି ଅପବ୍ୟବହାର /ଠକେଇ ସମ୍ପର୍କିତ ମାମଲା ଆସେ ତେବେ ତାହା ପ୍ରଚଳିତ ନିୟମାନୁସାରେ ପଦକ୍ଷେପ ନବା ।

(୬) ଜଙ୍ଗଲ ଅଧିକାର ଆଇନ, ତତ ସମ୍ବନ୍ଧୀୟ ନିୟମାବଳୀ ଓ ମାର୍ଗଦର୍ଶିକାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀ, ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟ/ସଦସ୍ୟା, ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କୁ ଆବଶ୍ୟକ ତାଲିମ, ସଚେତନତା କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଯୋଜନା ପ୍ରସ୍ତୁତ କରିବା । ଏଥିପାଇଁ ରାଜ୍ୟ ଆଦିବାସୀ ଗବେଷଣା ଅନୁଷ୍ଠାନ/ ବିଶ୍ୱବିଦ୍ୟାଳୟ ଅବା ପାରଦର୍ଶିତା ଥିବା ବୈଷୟିକ ଅନୁଷ୍ଠାନ/ବିଶେଷଜ୍ଞମାନଙ୍କର ସହଯୋଗ ନେଇପାରିବେ । ତାଲିମ/ ସଚେତନତା କାର୍ଯ୍ୟକ୍ରମ କରିବା ସମୟରେ ନିମ୍ନଲିଖିତ ଦିଗକୁ ଦୃଷ୍ଟି ଦେବା ଆବଶ୍ୟକ:-

(କ) ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ ।

(ଖ) ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ସଦସ୍ୟମାନଙ୍କୁ ରାଜ୍ୟ ଆଇନ ଅନୁଯାୟୀ ଆର୍ଥିକ ପରିଚାଳନର ବିଧିବ୍ୟବସ୍ଥା ସମ୍ବନ୍ଧୀୟ ବିଷୟବସ୍ତୁ, ଯେପରିକି ସାମାଜିକ ଅଡିଟ, ନଥିପତ୍ର ପରିଚାଳନା ଇତ୍ୟାଦି ।

(ଗ) ଗୋଷ୍ଠୀ ବନ ସମ୍ବଳର ସଂରକ୍ଷଣ ଏବଂ ପରିଚାଳନା ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ତଥା ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ପର୍କରେ ଜଣାଇବା ।

୭) ଉପରୋକ୍ତ ପ୍ରଶିକ୍ଷଣ/ସଚେତନତା କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଆର୍ଥିକ ସହାୟତା କେନ୍ଦ୍ର ସରକାରଙ୍କ ଦ୍ୱାରା 'ଆଦିବାସୀ ଗବେଷଣା ପ୍ରତିଷ୍ଠାନକୁ ପ୍ରଦତ୍ତ ସହାୟତା' ଏବଂ 'ସମ୍ବିଧାନର ଧାରା ୨୭୫ (୧)' ଅଧିନରେ ପ୍ରଦାନ କରାଯାଉଥିବା ଅର୍ଥରେ କରାଯାଇପାରିବ । ଏଥିପାଇଁ ବର୍ଣ୍ଣିତ ଯୋଜନାର ନିର୍ଦ୍ଦେଶାବଳୀକୁ ଅନୁସରଣ କରାଯିବା ଆବଶ୍ୟକ ।

(୮) ଗ୍ରାମସଭାକୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇବା ପାଇଁ ବନ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗ ସହିତ ସଂଯୋଜନା କରିବା ସହିତ ଗ୍ରାମସଭାକୁ ସମସ୍ତ ଆବଶ୍ୟକୀୟ ସହାୟତା ଯଥା - କାର୍ଯ୍ୟକାରୀ କିମ୍ବା ପରିଚାଳନା ଯୋଜନାର ନକଲ, ମାନଚିତ୍ର, ତଥ୍ୟ ଆଦି ପ୍ରଦାନ କରିବା ।

(୯) ଗୋଷ୍ଠୀ ଜଙ୍ଗଲ ସମ୍ବଳ ସଂରକ୍ଷଣ ଓ ପରିଚାଳନା ଯୋଜନାର କାର୍ଯ୍ୟାନ୍ୱୟନର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ରାଜ୍ୟସ୍ତରୀୟ ତଦାରଖ କମିଟିକୁ ପ୍ରଦାନ କରିବା ।

(୧୦) ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନାର କାର୍ଯ୍ୟାନ୍ୱୟନ ଏନଂ ବିକାଶ ନିମନ୍ତେ ଗ୍ରାମସଭା କିମ୍ବା ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିକୁ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା ।

(୧୧) ଗ୍ରାମସଭାକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରୀ ସଂସ୍ଥା ଭାବେ ବିବେଚନା କରିବା । ମୃତ୍ତିକା ସଂରକ୍ଷଣଠାରୁ ଆରମ୍ଭ କରି ବାଉଁଶ, କେନ୍ଦୁ ଏବଂ ଲଘୁବନଜାତ ଦ୍ରବ୍ୟ ପରିଚାଳନା, ବନୀକରଣ, ନର୍ସରୀ, ସଡକ ନିର୍ମାଣ, ଜଳ ସଂରକ୍ଷଣ ସଂରଚନା କିମ୍ବା ଯେକୌଣସି ପୁନରୁଦ୍ଧାର କାମ ନିମନ୍ତେ ଆର୍ଥିକ ସହାୟତା ବିଭିନ୍ନ ଯୋଜନାଗୁଡିକରୁ ଉପଲବ୍ଧ କରାଇବା ।

## ୯. ଅର୍ଥ ପରିଚାଳନା:

ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର କାର୍ଯ୍ୟ ସହ ଜଡିତ ଆୟ ଓ ବ୍ୟୟ ସମ୍ପର୍କିତ ସମସ୍ତ କାର୍ଯ୍ୟକଳାପ ପାଇଁ ଗ୍ରାମସଭା ଦାୟୀ ରହିବ । ନିମ୍ନଲିଖିତ ନିୟମଗୁଡିକ ଅନୁସରଣ କରାଯିବା ଦରକାର ।

(କ) ଗ୍ରାମସଭାର ଅନୁମୋଦନ କ୍ରମେ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଯେକୌଣସି ଜାତୀୟକରଣ ବ୍ୟାଙ୍କ ଅବା ପୋଷ୍ଟ ଅଫିସ୍‌ରେ ଗ୍ରାମସଭା ନାମରେ ଏକ ଆକାଉଣ୍ଟ ଖୋଲିବ । ଏହି ବ୍ୟାଙ୍କ ଖାତା, ଗ୍ରାମସଭା ଦ୍ୱାରା ଅନୁମୋଦିତ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା ଦ୍ୱାରା ପରିଚାଳିତ ହେବ । ଗ୍ରାମସଭା ଦ୍ୱାରା ଅନୁମୋଦିତ ଗୋଷ୍ଠୀ ବନ ସମ୍ବଳ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ଅର୍ଥ ବ୍ୟବହାର ହେବ ।

(ଖ) ଗ୍ରାମସଭା ଆର୍ଥିକ ପରିଚାଳନା ସମ୍ବନ୍ଧୀୟ ନିୟମାବଳୀ ଗ୍ରାମସଭା ପ୍ରସ୍ତୁତ କରିବ । ଏହି ନିୟମାବଳୀ ମୁଖ୍ୟତଃ ଅଧିକାର ଧାରକମାନଙ୍କ ମଧ୍ୟରେ ରାଜସ୍ୱ ବଣ୍ଟନ, ବଜେଟ, ବ୍ୟୟବରାଦ ଆଦି ରହିବ ।

(ଗ) ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ଆର୍ଥିକ ପରିଚାଳନା ସହ ଜଡିତ ଅଡିଟ ଏବଂ ଆକାଉଣ୍ଟିଂ ପଦ୍ଧତି, ସମ୍ପୃକ୍ତ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ଲାଗୁ ହୋଇଥିବା ନିୟମାନୁସାରେ ପରିଚାଳିତ ହେବ ।

(ଘ) ନିମ୍ନଲିଖିତ ଉତ୍ସଗୁଡିକରୁ ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି ପାଇଁ ଆବଶ୍ୟକ ଅର୍ଥ ଆସିପାରେ -

(୧) ସମସ୍ତଙ୍କ ସହମତି ଭିତ୍ତିରେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିରୁ ଲବ୍ଧ ଅର୍ଥ ।

(୨) ସରକାରଙ୍କ ଠାରୁ ପ୍ରାପ୍ତ ଅନୁଦାନ, ଗୋଷ୍ଠୀ ବନ ସମ୍ବଳର ପରିଚାଳନା ପାଇଁ ଖର୍ଚ୍ଚ କରାଯାଇ ପାରିବ ।

(୩) ଅଣ-ସରକାରୀ ଅନୁଷ୍ଠାନଠାରୁ ପ୍ରାପ୍ତ ଅନୁଦାନରୁ ଗୋଷ୍ଠୀ ବନ ସମ୍ବଳର ପରିଚାଳନା ଓ ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରାଯାଇ ପାରିବ ।

(୪) ଜଙ୍ଗଲ ବିଭାଗ ଠାରୁ ପ୍ରାପ୍ତ ଅର୍ଥ ଜଙ୍ଗଲର ବିକାଶ ପାଇଁ ଖର୍ଚ୍ଚ କରାଯାଇ ପାରିବ ।

(ଙ) ଗ୍ରାମସଭା ଦ୍ୱାରା କ୍ଷମତା ପ୍ରାପ୍ତ ସଦସ୍ୟ/ସଦସ୍ୟାମାନେ ଆର୍ଥିକ କାର୍ଯ୍ୟକଳାପ ପାଇଁ ଗ୍ରାମସଭା ନିକଟରେ ଉତ୍ତରଦାୟୀ ରହିବେ ।

(ଚ) ଗ୍ରାମସଭା ଦ୍ୱାରା ଧାର୍ଯ୍ୟ, ପ୍ରାଧିକୃତ ଏବଂ ଗ୍ରାମସଭା ବୈଠକ ଖାତାରେ ଦର୍ଜ ହୋଇଥିବା ନିୟମ ଅନୁଯାୟୀ ସମସ୍ତ ଖର୍ଚ୍ଚ ପରିଚାଳିତ ହେବ । ଗ୍ରାମସଭା ଦ୍ୱାରା କ୍ଷମତା ପ୍ରାପ୍ତ ସଦସ୍ୟ/ସଦସ୍ୟାମାନେ କେତେ ଅର୍ଥ ଖର୍ଚ୍ଚ କରିପାରିବେ, ତାହାର ଏକ ପରିସୀମା ଗ୍ରାମସଭା ଦ୍ୱାରା ନିର୍ଦ୍ଧାରିତ ହେବା ଆବଶ୍ୟକ । ନିର୍ଦ୍ଧାରିତ ପରିସୀମା ଠାରୁ ଯଦି ଅଧିକ ଅର୍ଥର ଆବଶ୍ୟକତା ଥାଏ, ତାହାହେଲେ ଗ୍ରାମସଭା ଦ୍ୱାରା ଅନୁମତି ପ୍ରାପ୍ତ ହେଲା ପରେ ହିଁ ଅର୍ଥ ଖର୍ଚ୍ଚ କରାଯାଇ ପାରିବ ।

(ଛ) ଗୋଷ୍ଠୀ ବନ ସମ୍ବଳ ପରିଚାଳନା କମିଟି, ଆୟ ଓ ବ୍ୟୟର ସମସ୍ତ ବିବରଣୀକୁ ଆର୍ଥିକ ପରିଚାଳନା ପାଇଁ ଉଦ୍ଦିଷ୍ଟ ନଥିପତ୍ର, ଯଥା – ଲେଜର ଏବଂ କ୍ୟାସ ବୁକ୍‌ରେ ସଠିକଭାବେ ରେକର୍ଡଭୁକ୍ତ କରିବେ ।

(ଜ) ମଜୁରୀ ପ୍ରଦାନ ପାଇଁ ଖର୍ଚ୍ଚ କରାଯାଉଥିବା ଅର୍ଥ ସ୍ୱଚ୍ଛ ଢ଼ଙ୍ଗରେ ହେବା ଦରକାର । ଏଥିପାଇଁ ନଗଦ ଦେୟକୁ ଯଥାସମ୍ଭବ ଏଡାଇ ଦିଆଯିବାକୁ ଚେଷ୍ଟା କରାଯିବା ଦରକାର ।

(ଝ) ଗୋଷ୍ଠୀ ବନ ସମ୍ବଳ ପରିଚାଳନା କିମଟି ଆୟବ୍ୟୟ ବିବରଣୀ, ସମ୍ପତି ଖାତା (ଆସେଟ୍ ରେଜିଷ୍ଟର), ଗ୍ରାମ ସଭା ବିବରଣୀ ଖାତାକୁ ସମୟ ସମୟରେ ସମୀକ୍ଷା କରିବା ଦରକାର । ଅନ୍ତତ ପ୍ରତି ୩ ମାସରେ ଥରେ ଗ୍ରାମସଭାର ଅନୁମୋଦନ କରାଯିବା ଦରକାର ।

(ଞ) ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଅଧିକାରୀମାନଙ୍କର ଯାଞ୍ଚ ପାଇଁ ଗ୍ରାମସଭାର ଆକାଉଣ୍ଟ ବିବରଣୀ ଖୋଲା ରହିବ ।

(ଟ) ଆର୍ଥିକ ବର୍ଷ ସମାପ୍ତିର ତିନିମାସ ମଧରେ ରାଜସ୍ୱ ଏବଂ ବ୍ୟୟବରାଦର ବାର୍ଷିକ ବିବରଣୀ ଗ୍ରାମସଭା ଦ୍ୱାରା ଅନୁମୋଦିତ ହେବ ଏବଂ ତା'ପରେ ଚାର୍ଟାର୍ଡ ଆକାଉଣ୍ଟଙ୍କ ଦ୍ୱାରା ଅଡିଟ୍ କରାଯିବ ଏବଂ ଜିଲ୍ଲାସ୍ତରୀୟ ଗୋଷ୍ଠୀବନ ସମ୍ବଳ ତଦାରଖ କମିଟିର ସୂଚନା ଏବଂ ନଥିକରଣ ନିମନ୍ତେ, ଅଡିଟ ରିପୋର୍ଟ୍ ର ଏକ ଏକକିତା ପଠାଯିବ ।

## ୧୦. ବିବାଦର ସମାଧାନ:

୧୦.୧ ଦୁଇ କିମ୍ବା ଅଧିକ ଗ୍ରାମସଭା ମଧରେ ବିବାଦ ଉପୁଜିଲେ, ଏହାର ସମାଧାନ ଜଙ୍ଗଲ ଅଧିକାର ନିୟମାବଳୀ ୧୪ (୭) ଏବଂ ନିୟମ ୧୫ (୭) ଅନୁଯାୟୀ ହେବ । ଗ୍ରାମସଭାର ସଦସ୍ୟଙ୍କ ମଧରେ ଯଦି ବିବାଦ ଦେଖାଯାଏ ତେବେ ତାହାର ସମାଧାନ ଗ୍ରାମସଭାରେ କରାଯିବ । ଗ୍ରାମସଭାର ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରୁଥିବା ବ୍ୟକ୍ତି ଉପଖଣ୍ଡସ୍ତରୀୟ କମିଟି ନିକଟରେ ସମାଧାନ ପାଇଁ ଅଭିଯୋଗ କରିପାରିବ ।

## ୧୦.୨ ଗୋଷ୍ଠୀ ବନ ସମ୍ବଳ ଅଞ୍ଚଳରେ ସମ୍ବଳ ସଂରକ୍ଷଣର ଉଲ୍ଲଂଘନ:

ଜଙ୍ଗଲ ଅଧିକାର ଆଇନର ଧାରା ୩(ଆଇ) ପ୍ରଦତ୍ତ ଗୋଷ୍ଠୀ ବନ ସମ୍ବଳର ସୁରକ୍ଷା, ପୁନଃଜନନ, ଅବା ସଂରକ୍ଷଣ ଅବା ପରିଚାଳନା କରିବାର ଅଧିକାର ଗ୍ରାମସଭାକୁ ନ୍ୟସ୍ତ କରାଯାଇଛି । ଉକ୍ତ ଅଧିକାରକୁ ସୂଚାରୁରୂପେ ସମ୍ପାଦନା କରିବାନିମନ୍ତେ, ଆଇନର ଧାରା ୫(ଡି)ରେ ଗ୍ରାମସଭାକୁ କ୍ଷମତା ପ୍ରଦାନ କରାଯାଇଛି । ପ୍ରଦତ୍ତ କ୍ଷମତା ହେଉଛି, ଗ୍ରାମସଭାକୁ ନ୍ୟସ୍ତ ଗୋଷ୍ଠୀ ବନ ସମ୍ବଳ ଅଞ୍ଚଳ ମଧ୍ୟରେ ଥିବା ଜଙ୍ଗଲ ସମ୍ପଦର ବ୍ୟବହାରକୁ ନିୟନ୍ତ୍ରଣ କରିବା ସହ ବନ୍ୟଜନ୍ତୁ, ଜଙ୍ଗଲ ଏବଂ ଜୈବବିବିଧତା ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ଯେକୌଣସି କାର୍ଯ୍ୟକଳାପକୁ ବନ୍ଦ କରିପାରିବ । ଯଦି କୌଣସି କାର୍ଯ୍ୟକଳାପ ବନ୍ୟଜନ୍ତୁ, ଜଙ୍ଗଲ ଏବଂ ଜୈବବିବିଧତାର ସୁରକ୍ଷା ଓ ଅଧିକାର ଉପଭୋଗ କରିବା କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଏ, ଅବା ବାଧା ସୃଷ୍ଟି କରେ, ତେବେ ସମ୍ପୃକ୍ତ କାର୍ଯ୍ୟଗୁଡ଼ିକୁ ପ୍ରଚଳିତ ଆଇନ ଅନୁସାରେ ପଦକ୍ଷେପ ନିଆଯିବ । ଜଙ୍ଗଲ ବିଭାଗ ପ୍ରଚଳିତ ଆଇନ ଅନୁଯାୟୀ ବନ୍ୟଜନ୍ତୁ ଏବଂ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ, ଗ୍ରାମସଭାକୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ ।

**********

ମନ୍ତ୍ରଣାଳୟ ଦ୍ୱାରା ଜାରିକରାଯାଇଥିବା ମାର୍ଗଦର୍ଶୀକାର ଇଂରାଜୀ କପି ପାଇଁ ଏହି କୋଡ୍ ସ୍କାନ କରନ୍ତୁ



